# NATIONAL NEWS BULLETIN (ODIA)

## 12 October - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଚଳିତ ମାସ ୧୪ ତାରିଖରୁ ଆୟୋଜିତ ହେବ ମିଳିତ ଜାତିସଂଘରେ ସୈନ୍ୟ ଯୋଗଦାନକାରୀ ଦେଶ ମୁଖ୍ୟଙ୍କ ସମ୍ମିଳନୀ
- ବିହାର ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ପକ୍ଷରୁ ଆସନ ବଣ୍ଟନ ନେଇ ଘୋଷଣା
- ସୀମାପାର ଆକ୍ରମଣରେ ୫୮ ଜଣ ପାକିସ୍ତାନୀ ସୈନ୍ୟଙ୍କ ମୃତ୍ୟୁ ପାଇଁ ନିଜକୁ ଦାୟୀ କଲା ତାଲିବାନ୍
- ଭାରତ ସମେତ ଅଣ ୟୁରୋପୀୟ ସଂଘ ଦେଶଗୁଡ଼ିକର ଯାତ୍ରୀମାନଙ୍କୁ ଆଜିଠାରୁ ପାଳନ କରିବାକୁ ପଡ଼ିବ ୟୁରୋପୀୟ ସଂଘର ନୂତନ ପ୍ରବେଶ/ପ୍ରସ୍ଥାନ ପ୍ରଣାଳୀ

ଏବଂ

- ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ର ଆଜିର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୩୩୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ

# ଆର୍ମି- ୟୁଏନ୍‌ଟିସିସି କନକ୍ଲେଭ୍

ଭାରତୀୟ ସେନା ଚଳିତ ମାସ ୧୪ ତାରିଖରୁ ନୂଆଦିଲ୍ଲୀରେ ମିଳିତ ଜାତିସଂଘର ସୈନ୍ୟ ଯୋଗଦାନକାରୀ ଦେଶ ମୁଖ୍ୟଙ୍କ ସମ୍ମିଳନୀ ଆୟୋଜନ କରିବ। ଏହି ତିନି ଦିନିଆ ସମ୍ମିଳନୀ ଜାତିସଂଘର ଶାନ୍ତିରକ୍ଷା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ୩୨ଟି ରାଷ୍ଟ୍ରର ବରିଷ୍ଠ ସାମରିକ ନେତୃତ୍ୱଙ୍କୁ ଏକାଠି କରିବ। ବିଶ୍ୱବ୍ୟାପୀ ଜାତିସଂଘର ଶାନ୍ତିରକ୍ଷା ମିଶନରେ ସୈନ୍ୟ ଯୋଗଦାନ କରୁଥିବା ଦେଶଗୁଡ଼ିକର ପ୍ରତିନିଧିମାନେ ଆସନ୍ତାକାଲି ଜାତୀୟ ରାଜଧାନୀରେ ପହଞ୍ଚିବେ ବୋଲି ଆଶା କରାଯାଉଛି।

ଏକ ବିବୃତ୍ତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଜାତିସଂଘ ମିଶନରେ ସବୁଠାରୁ ବଡ଼ ଯୋଗଦାନକାରୀଙ୍କ ମଧ୍ୟରୁ ଭାରତ ଅନ୍ୟତମ । ଏହି ସମ୍ମିଳନୀ ବସୁଧୈବ କୁଟୁମ୍ବକମର ନୀତିକୁ ପ୍ରତିଫଳିତ କରୁଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ଜାତିସଂଘର ଶାନ୍ତି ଅଭିଯାନ ପାଇଁ ନିଯୁକ୍ତ ଉପ-ସଚିବ-ଜେନେରାଲ ଜିନ୍ ପିଏରେ’ ଲାକ୍ରୋଇକ୍ସ ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେବେ। ପୂର୍ଣ୍ଣାଙ୍ଗ ଅଧିବେଶନରେ ପ୍ରତିନିଧିମଣ୍ଡଳର ମୁଖ୍ୟ ଏବଂ ମୁଖ୍ୟମାନେ ସେମାନଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବେ। ଏହି ସମ୍ମିଳନୀ ସମୟରେ ସହଭାଗୀ କ୍ଷମତା ନିର୍ମାଣ, ଦ୍ୱିପାକ୍ଷିକ ଏବଂ ସାଂସ୍କୃତିକ ଆଦାନପ୍ରଦାନ ପାଇଁ ପ୍ରତିରକ୍ଷା ପ୍ରଦର୍ଶନୀ ମଧ୍ୟ ପ୍ରଦର୍ଶିତ ହେବ।

## ଏନ୍‌ଡିଏ- ବିହାର ଇଲେକସନ୍

ବିହାର ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ.ଡି.ଏ ଆସନ ବଣ୍ଟନ ନେଇ ଘୋଷଣା କରିଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ବିଜେପି ମହାସଚିବ ବିନୋଦ ତାୱ୍ଡେ ସୂଚନା ଦେଇ କହିଛନ୍ତି, ବିଜେପି ଏବଂ ଜେଡିୟୁ ପ୍ରତ୍ୟେକ ୧୦୧ଟି, ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ୨୯ଟି, ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ପ୍ରତ୍ୟେକ ୬-୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ନୂଆଦିଲ୍ଲୀରେ ବିଜେପି ମୁଖ୍ୟାଳୟରେ ସହଯୋଗୀ ଦଳର ଶୀର୍ଷ ନେତାଙ୍କ ଆନୁଷ୍ଠାନିକ ଆଲୋଚନା ପରେ ଏହି ଘୋଷଣା କରାଯାଇଛି।

## ପାକ୍-ଆଫଗାନ କ୍ଲାସେସ୍

ଆଫଗାନ ତାଲିବାନ ସୀମାପାର ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଯେଉଁଥିରେ ୫୮ ଜଣ ପାକିସ୍ତାନୀ ସୈନ୍ୟ ପ୍ରାଣ ହରାଇଛନ୍ତି। ଏହା ପାକତିକା ପ୍ରଦେଶର ଏକ ସାଧାରଣ ବଜାର ଉପରେ ପାକିସ୍ତାନୀ ବିମାନ ଆକ୍ରମଣର ପ୍ରତିଶୋଧ ବୋଲି କୁହାଯାଇଛି।

ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି, ଏହି ଆକ୍ରମଣରେ ଅନେକ ସୀମାବର୍ତ୍ତୀ ସ୍ଥାନକୁ ଟାର୍ଗେଟ କରାଯାଇଥିଲା ଏବଂ ୩୦ ଜଣ

ପାକିସ୍ତାନୀ କର୍ମଚାରୀ ଆହତ ହୋଇଥିଲେ। ୯ ଜଣ ତାଲିବାନ ଲଢୁଆଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୮ ଜଣ ଆହତ ହୋଇଥିଲେ। କାବୁଲରେ ବିସ୍ଫୋରଣ ଏବଂ ଆଫଗାନ ଅଞ୍ଚଳ ଭିତରେ ପାକିସ୍ତାନର କଥିତ ବୋମା ବିସ୍ଫୋରଣ ପରେ ଗତ ସପ୍ତାହରେ ଉତ୍ତେଜନା ବୃଦ୍ଧି ପାଇଥିଲା। ପାକିସ୍ତାନ' ଆଫଗାନିସ୍ତାନକୁ ତେହରିକ-ଇ-ତାଲିବାନ ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ କରିଛି, ଯାହାକୁ ତାଲିବାନ ଅସ୍ୱୀକାର କରିଛି। ଉଭୟ ଦେଶ କୁନାର-କୁରମ ଅଞ୍ଚଳରେ ତୋପ ଏବଂ ଛୋଟ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ଜଣାପଡ଼ିଛି। ତୋରଖମ ଏବଂ ଚମନରେ ପ୍ରମୁଖ ସୀମା କ୍ରସିଂଗୁଡ଼ିକ ଏବେ ବନ୍ଦ ରହିବା ଫଳରେ ଶହ ଶହ ଟ୍ରକ ରାସ୍ତାରେ ଫସି ରହିଛି। ସାଉଦି ଆରବ ଏବଂ କାତାର ସମେତ ଆଞ୍ଚଳିକ ଦେଶଗୁଡ଼ିକ ପକ୍ଷରୁ ଉଭୟ ଦେଶକୁ ସଂଯମତା ଅବଲମ୍ବନ କରିବାକୁ ଏବଂ ଆଲୋଚନା ମାଧ୍ୟମରେ ଉତ୍ତେଜନା ସମାଧାନ କରିବାକୁ ଅନୁରୋଧ କରିଛନ୍ତି।

## ଆଫଗାନିସ୍ତାନ ଏଫ୍‌ଏମ୍

ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତାକି ଆଜି ସତର୍କ କରାଇ କହିଛନ୍ତି, ଯଦି ପାକିସ୍ତାନ ଭଲ ସମ୍ପର୍କ ଏବଂ ଶାନ୍ତି ଚାହୁଁନାହିଁ, ତେବେ ଆଫଗାନିସ୍ତାନ ପାଖରେ ଅନ୍ୟ ବିକଳ୍ପ ଅଛି। ଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ ସମୟରେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ

କହିଛନ୍ତି' ଆଫଗାନିସ୍ତାନ ଏହାର ସାର୍ବଭୌମତ୍ୱକୁ ରକ୍ଷା କରିବ। ସେ କହିଛନ୍ତି, ପାକିସ୍ତାନର କିଛି ଗୋଷ୍ଠୀ ପରିସ୍ଥିତିକୁ ଖରାପ କରିବାକୁ ଚେଷ୍ଟା କରୁଛନ୍ତି। ପାକିସ୍ତାନର ଲୋକମାନେ ଆଫଗାନିସ୍ତାନ ସହିତ ଶାନ୍ତିପୂର୍ଣ୍ଣ ସମ୍ପର୍କ ଚାହାଁନ୍ତି ବୋଲି ସେ କହିଛନ୍ତି।

ଦୁଇ ଦିନ ପୂର୍ବେ ସେ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ନିମନ୍ତ୍ରଣ କରାନଯିବା ପ୍ରସଙ୍ଗର ଜବାବରେ ସେ କହିଥିଲେ, ଏହା ଏକ ବୈଷୟିକ ସମସ୍ୟା। କାରଣ ଏହି ସମ୍ମିଳନୀ ଏକ ସଂକ୍ଷିପ୍ତ ସୂଚନା ଆଧାରରେ ଅନୁଷ୍ଠିତ ହେବା ସହ ସାମ୍ବାଦିକମାନଙ୍କ ଏକ ସଂକ୍ଷିପ୍ତ ତାଲିକା ସ୍ଥିର କରାଯାଇଥିଲା। ଏହା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ନଥିଲା ବୋଲି ସେ ଦାବି କରିଛନ୍ତି।

# ଇୟୁ ଟ୍ରାଭେଲିଂ ପଲିସି

ଆଜିଠାରୁ ଭାରତ ସମେତ ଅଣ-ୟୁରୋପୀୟ ସଂଘ ଦେଶଗୁଡ଼ିକର ଯାତ୍ରୀମାନଙ୍କୁ ୟୁରୋପୀୟ ସଂଘର ନୂତନ ପ୍ରବେଶ/ପ୍ରସ୍ଥାନ ପ୍ରଣାଳୀ ପାଳନ କରିବାକୁ ପଡିବ। ଏହି ପ୍ରଣାଳୀରେ ଆଇସଲ୍ୟାଣ୍ଡ, ନରୱେ, ସ୍ୱିଜରଲ୍ୟାଣ୍ଡ ଏବଂ ଲିଚେନଷ୍ଟାଇନ ସମେତ ସେଞ୍ଜେନ ଜୋନ୍ ଦେଶଗୁଡ଼ିକରେ ପ୍ରବେଶ ସମୟରେ ଆଙ୍ଗୁଠି ଚିହ୍ନ, ମୁହଁ ସ୍କାନ୍ ଏବଂ ପାସପୋର୍ଟ ସ୍କାନ୍ ଆବଶ୍ୟକ। ତେବେ ଆୟରଲ୍ୟାଣ୍ଡ ଏବଂ ସାଇପ୍ରସ ଦେଶ ପାଇଁ ଏହି ବ୍ୟବସ୍ଥା ଲାଗୁ ହେବ ନାହିଁ ବୋଲି ଜଣାପଡ଼ିଛି।

ପ୍ରବେଶ/ପ୍ରସ୍ଥାନ ସୁରକ୍ଷାକୁ କଡ଼ାକଡ଼ି କରିବା ଏବଂ ମାନୁଆଲ୍ ପାସପୋର୍ଟ ଷ୍ଟାମ୍ପିଂକୁ ଡିଜିଟାଲ୍ ରେକର୍ଡ ଆଧାରିତ କାର୍ଯ୍ୟାନ୍ୱୟନ ପାଇଁ ଲକ୍ଷ୍ୟ ରଖାଯାଇଛି। ଡୋଭର, ଫୋକଷ୍ଟୋନରେ ୟୁରୋଟନେଲ୍ ଏବଂ ୟୁରୋଷ୍ଟାର ଭଳି ବ୍ରିଟେନ୍‌ର ପ୍ରସ୍ଥାନ ପଏଣ୍ଟରେ ଯାତ୍ରୀମାନେ ସେହି ଦେଶ ଛାଡିବା ପୂର୍ବରୁ ଯାଞ୍ଚ କରାଯିବ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ଏକ୍ସରସାଇଜ୍

ଭାରତ-ଅଷ୍ଟ୍ରେଲିଆ ମିଳିତ ସାମରିକ ଅଭ୍ୟାସ ଅଷ୍ଟ୍ରା-ହିନ୍ଦ୍-୨୦୨୫ ର ଚତୁର୍ଥ ସଂସ୍କରଣ ଆସନ୍ତାକାଲି ଅଷ୍ଟ୍ରେଲିଆର ପର୍ଥରେ ଆରମ୍ଭ ହେବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ୧୨୦ ଜଣ କର୍ମଚାରୀଙ୍କୁ ନେଇ ଗଠିତ ଏକ ଭାରତୀୟ ସେନା ଦଳ ଚଳିତ ମାସ ୨୬ ତାରିଖରେ ଶେଷ ହେବାକୁ ଥିବା ବାର୍ଷିକ ଅଭ୍ୟାସରେ ଅଂଶଗ୍ରହଣ କରିବା ପାଇଁ ଗତକାଲି ପ୍ରସ୍ଥାନ କରିଛି। ଭାରତୀୟ ସେନା ଦଳ ଗୋର୍ଖା ରାଇଫଲ୍ସର ଏକ ବାଟାଲିୟନ ସହିତ ଅନ୍ୟାନ୍ୟ ସେବାରେ ନିୟୋଜିତ ଥିବା ସୈନ୍ୟଙ୍କ ନେତୃତ୍ୱ ନେଉଛି।

ମନ୍ତ୍ରଣାଳୟ କହିଛି, ଏହି ସମରାଭ୍ୟାସ' ସାମରିକ ସହଯୋଗ ବୃଦ୍ଧି କରିବା, ଆନ୍ତଃ କାର୍ଯ୍ୟକ୍ଷମତାରେ ଉନ୍ନତି ଆଣିବା ଏବଂ ସହରାଞ୍ଚଳ କିମ୍ବା ଅର୍ଦ୍ଧ-ସହରୀ ଅଞ୍ଚଳରେ ଉପ-ପାରମ୍ପରିକ ଯୁଦ୍ଧ କ୍ଷେତ୍ରରେ ରଣନୀତି,

କୌଶଳ ଏବଂ ପ୍ରକ୍ରିୟା ଆଦାନପ୍ରଦାନ ପାଇଁ ଅଂଶଗ୍ରହଣକାରୀ ସେନାକୁ ଏକ ମଞ୍ଚ ପ୍ରଦାନ କରିବା ଲକ୍ଷ୍ୟରେ ଆୟୋଜିତ ହେଉଛି।

ଅଷ୍ଟ୍ରା-ହିନ୍ଦ୍- ୨୦୨୫ ଅଭ୍ୟାସରେ ଅଂଶଗ୍ରହଣ ପ୍ରତିରକ୍ଷା ସହଯୋଗକୁ ଆହୁରି ମଜବୁତ କରିବ ଏବଂ ଭାରତୀୟ ଏବଂ ଅଷ୍ଟ୍ରେଲିଆ ସୈନ୍ୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିବ।

# ପିଏମ୍- ବିହାର

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୧୫ ତାରିଖରେ ବିହାରର ବୁଥ୍‌ସ୍ତରୀୟ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ’ ଦଳୀୟ କର୍ମୀମାନଙ୍କୁ ‘ମେରା ବୁଥ୍ ସବସେ ମଜବୁତ’ ଅଭିଯାନରେ ଯୋଗଦେବା ସହ ସେମାନଙ୍କର ପରାମର୍ଶ ବାଣ୍ଟିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସେ କିଛି ମନୋନୀତ କର୍ମୀଙ୍କ ସହ ସେମାନଙ୍କ ପରାମର୍ଶ ଉପରେ ସିଧାସଳଖ ଆଲୋଚନା କରିବେ।

# ଦିଲ୍ଲୀ ହାପ ମାରାଥନ

ଜାତୀୟ ରାଜଧାନୀ ଦିଲ୍ଲୀରେ ଆଜି ସକାଳେ ବେଦାନ୍ତ ଦିଲ୍ଲୀ ହାପ୍ ମାରାଥନ ପ୍ରବଳ ଉତ୍ସାହର ସହ ଆରମ୍ଭ ହୋଇଥିଲା । ଯେଉଁଥିରେ ସମସ୍ତ ବର୍ଗର ଲୋକମାନେ ପ୍ରବଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କେନ୍ଦ୍ର

ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ମାରାଥନର ବିଂଶତମ ସଂସ୍କରଣକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀର ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା, ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ ।

## ଆର୍‌ପିଏଫ୍ ଦିଲ୍ଲୀ ମାରାଥନ୍

ଆଜି ଜାତୀୟ ରାଜଧାନୀରେ ଆୟୋଜିତ ନିଶା ସେବନ ବିରୋଧରେ ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ରେଳ ସୁରକ୍ଷା ବାହିନୀ' ଦିଲ୍ଲୀ ହାଫ୍ ମାରାଥନରେ ଅଂଶଗ୍ରହଣ କରିଥିଲା । ରେଳ ମନ୍ତ୍ରଣାଳୟ କହିଛି, ୫ ଜଣ ମହିଳା ଅଧିକାରୀ ସମେତ ବିଭିନ୍ନ ପଦାଧିକାରୀଙ୍କ ୨୬ ଜଣ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ବାହିନୀର ପ୍ରତିନିଧିତ୍ୱ କରିଥିଲେ । ମାରାଥନ ପାଇଁ ଆର୍‌ପିଏଫ୍ କଣ୍ଟିଜେଣ୍ଟର ବିଷୟବସ୍ତୁ ଥିଲା ଅପରେସନ ନାର୍କୋସ୍, ଡ୍ରଗ୍ସ ଚାଲାଣ ବିରୁଦ୍ଧରେ ଆର୍‌ପିଏଫ୍ ।

## ଓ୍ୱେମେନ୍ କ୍ରିକେଟ

ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ମ୍ୟାଚ୍‌ରେ ଆଜି ବିଶାଖାପାଟନମର **ACA-VDCA** କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ପ୍ରାରମ୍ଭିକ ବ୍ୟାଟରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ' ଅଷ୍ଟ୍ରେଲିଆ ସମ୍ମୁଖରେ ୩୩୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଆଜି ଅଷ୍ଟ୍ରେଲିଆ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତର ପ୍ରାରମ୍ଭିକ ବ୍ୟାଟର ସ୍ମୃତି ମାନ୍ଧାନା ଏବଂ ପ୍ରତୀକା ରାଓ୍ୱଲଙ୍କ ମଧ୍ୟରେ ୧୫୫ ରନ୍‌ର ପ୍ରାରମ୍ଭିକ ଭାଗିଦାରୀ ଭାରତକୁ ୪୮ ଦଶମିକ ୫ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୩୩୦ ରନ୍ କରିବାରେ ସହାୟକ ହୋଇଥିଲା ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୩୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୪ ଓଭର ଶେଷରେ ୦ ଓ୍ୱିକେଟ୍ ହରାଇ ୧୬ ରନ୍ ସଂଗ୍ରହ କରିଛି ।

## ଟେଷ୍ଟ କ୍ରିକେଟ

ନୂଆଦିଲ୍ଲୀରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଓ୍ୱେଷ୍ଟଇଣ୍ଡିଜ୍ ୨ ଓ୍ୱିକେଟ୍ ହରାଇ ୧୭୩ ରନ୍ କରିଛି । ଖେଳ ଶେଷ ହେବା ସମୟରେ ଶାଇ ହୋପ୍ ଏବଂ ଜନ୍

କ୍ୟାମ୍ପବେଲ୍ କ୍ରିଜ୍‌ରେ ଥିଲେ। ୱେଷ୍ଟଇଣ୍ଡିଜ୍ ଏବେ ୯୭ ରନ୍ ପଛରେ ଅଛି।

ପୂର୍ବରୁ ଭାରତ ୩ୟ ଦିନରେ ପ୍ରଥମ ଇନିଂସରେ ୨୪୮ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଅଲଆଉଟ୍ କରିବା ପରେ ୱେଷ୍ଟଇଣ୍ଡିଜ୍ ଉପରେ ଫଲୋଅନ୍ ଲାଗୁ କରିଥିଲା। କୁଲଦୀପ ଯାଦବ ୧୫ଟି ଟେଷ୍ଟ ମ୍ୟାଚ୍‌ରେ ପଞ୍ଚମଥର ପାଇଁ ପାଞ୍ଚ ୱିକେଟ୍ ନେଇ ବିଶ୍ୱ ରେକର୍ଡ କରିଥିବାବେଳେ ରବିନ୍ଦ୍ର ଜାଡେଜା ୩ ୱିକେଟ୍ ଏବଂ ମହମ୍ମଦ ସିରାଜ ଓ ଜସପ୍ରିତ ବୁମରାହ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଗତକାଲି ଭାରତ ଯଶସ୍ୱୀ ଜୟସ୍ୱାଲ ଏବଂ ଭାରତୀୟ ଅଧିନାୟକ ଶୁଭମାନ ଗିଲ୍ ଚମତ୍କାର ଶତକ ହାସଲ କରିବା ସହିତ ୫ଟି ୱିକେଟ୍ ହରାଇ ୫୧୮ ରନ୍ କରି ଇନିଂସ ଘୋଷଣା କରିଥିଲା।

## ମେନ୍ସ ହକି– ସୁଲତାନ ଜୋହର କପ୍

ମାଲେସିଆର ଜୋହର ବାହରୁ'ରେ ଅନୁଷ୍ଠିତ ସୁଲତାନ ଜୋହର କପ୍ ଜୁନିଅର ପୁରୁଷ ହକି ୨୦୨୫ରେ ଭାରତ ଆଜି ନ୍ୟୁଜିଲ୍ୟାଣ୍ଡକୁ ୪-୨ ଗୋଲରେ ପରାସ୍ତ କରିଛି। ଭାରତ ପାଇଁ ଅର୍ଶଦୀପ ସିଂହ, ପିବି ସୁନୀଲ, ଆରାଇଜିତ ସିଂହ ହୁଣ୍ଡାଲ ଏବଂ ରୋଶନ କୁଜୁର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ଅଧିନାୟକ ଗସ୍

ନେଲସନ ଏବଂ ଏଡେନ୍ ବାକ୍ସଙ୍କ ମାଧ୍ୟମରେ ଦୁଇଟି ଗୋଲ ଦେଇ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ ପାଇ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କର ପ୍ରୟାସ ସଫଳ ହୋଇନଥିଲା। ଭାରତର ଖେଳାଳିମାନେ ଗତକାଲି ଗତଥରର ଚାମ୍ପିଅନ୍ ବ୍ରିଟେନକୁ ୩-୨ ଗୋଲରେ ପରାସ୍ତ କରି ସେମାନଙ୍କର ଅଭିଯାନ ଆରମ୍ଭ କରିଥିଲେ।

ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ’ ମାଲେସିଆକୁ ୭-୨ ରେ ଗୋଲରେ ପରାସ୍ତ କରିଛି। ଭାରତ’ ଆସନ୍ତା ମଙ୍ଗଳବାର ଦିନ ପାକିସ୍ତାନକୁ ଭେଟିବ।